## ସ୍ୱତନ୍ତ୍ର ଆଇସୋଲେସନ ୱାର୍ଡ, ଅକ୍ସିଜେନ୍ ୟୁନିଟ୍ ପାଇଁ ଭୂମି ପୂଜନ

ପାରାଦୀପ,(ସ୍ୱ.ପ୍ର.): ପାରାଦୀପ ବନ୍ଦର ଚିକିତ୍ସାଳୟରେ ସ୍ୱତନ୍ତ୍ର ଆଇସୋଲେସନ ୱାର୍ଡ ଓ ଦୁଇଟି ଅକ୍ସିଜେନ୍ ୟୁନିଟ୍ ପାଇଁ ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ ମହାମାରୀର ମୁକାବିଲା ପାଇଁ ପାରାଦୀପ ବନ୍ଦର ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଟାଟା କମ୍ପାନୀର ସହଭାଗିତାରେ ଅକ୍ସିଜେନ୍ ୟୁନିଟ୍ କରାଯାଉଛି। ଭୂମିପୂଜନ ବେଳେ ବନ୍ଦର ଉପାଧ୍ୟକ୍ଷ ଏ.କେ ବୋଷ, ସିଏମଓ ଡା.ପ୍ରହ୍ଲାଦ ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ସଂକ୍ଷେପରେ

## ଗୋବର୍ଦ୍ଧନ ପୀଠକୁ ୫ ଟନ୍ ଗୋଖାଦ୍ୟ ପ୍ରଦାନ

ପାରାଦୀପ,୨୦।୬(ସ୍ୱ.ପ୍ର.): ପୁରୀ ଗୋବର୍ଦ୍ଧନ ପୀଠର ଗୋଶାଳାକୁ ପାରାଦୀପସ୍ଥିତ ଇଫ୍‌କୋ କମ୍ପାନୀ ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଛି। ପୀଠରେ ଥିବା ଗୋରୁଙ୍କ ପାଇଁ ୫ ଟନ୍ ଗୋଖାଦ୍ୟ ପ୍ରଦାନ କରାଯାଇଛି। କୋଭିଡ ମହାମାରୀ ସମୟରେ ଗୋଶାଳା ଚଳାଇବା କଷ୍ଟକର ହୋଇପଡିଛି ବୋଲି ଗୋବର୍ଦ୍ଧନ ପୀଠ ପକ୍ଷରୁ କୁହାଯାଇଥିଲା। ଏହାପରେ ଇଫ୍‌କୋ ନିର୍ବାହୀନିର୍ଦ୍ଦେଶକ କେ.ଜେ. ପଟେଲ, ପ୍ରଶାସନିକ ଅଧିକାରୀ ପ୍ରସନ୍ନ କୁମାର ବେଉରା ପହଞ୍ଚି ଏହି ସହଯୋଗ କରିଥିଲେ। ଏଥିସହ ପୀଠରେ ଥିବା କର୍ମଚାରୀଙ୍କ ପାଇଁ ସାନିଟାଇଜର ଓ ମାସ୍କ ଦିଆଯାଇଛି।

## ପୋର୍ଟ ପିଆଇସିଟି ଶ୍ରମିକଙ୍କୁ ଟିକାକରଣ

ପାରାଦୀପ,୨୦।୬(ସ୍ୱ.ପ୍ର.): ପାରାଦୀପ ପୋର୍ଟ ପିଆଇସିଟି ପ୍ରକଳ୍ପରେ କାର୍ଯ୍ୟରତ ସମସ୍ତ ଠିକା ଶ୍ରମିକଙ୍କୁ ଟିକାକରଣ କରାଯିବ। ଏନେଇ ପିଆଇସିଟି ମାନବସମ୍ବଳ ଅଧିକାରୀ ସୌଭିକ୍ କୁମାର ସାହା ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘକୁ ଲିଖିତ ଭାବେ ପ୍ରତିଶ୍ରୁତି ଦେଇଛନ୍ତି। ଏହା ପରେ ସଂଘ ସଭାପତି ଅରିନ୍ଦମ ସର୍ଖେଲ(ବାପି) ପିଆଇସିଟିର ପରିଚାଳନା ନିର୍ଦ୍ଦେଶକ ଧ୍ରୁବ କୋଟାକଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, ଉକ୍ତ ପ୍ରକଳ୍ପରେ କାର୍ଯ୍ୟରତ ଶତାଧିକ ଶ୍ରମିକଙ୍କ ଟିକାକରଣ ପାଇଁ ସର୍ଖେଲ ମେ'୫ ରେ ଚିଠି ଲେଖିଥିଲେ। ଏହାକୁ କମ୍ପାନୀ ସ୍ୱୀକାର କରିଛି। ୧୮ରୁ ଉର୍ଦ୍ଧ୍ୱ ସମସ୍ତ ଶ୍ରମିକଙ୍କୁ ଟିକା ଦିଆଯିବ ବୋଲି ପିଆଇସିଟି ପକ୍ଷରୁ କୁହାଯାଇଛି।

## ଯୋଗ ପ୍ରଶିକ୍ଷଣ ଶିବିର

ପାରାଦୀପ,୨୦।୬(ସ୍ୱ.ପ୍ର.): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ୨ ଦିନିଆ ଯୋଗ ପ୍ରଶିକ୍ଷଣ ଶିବିର ରବିବାର ଆରମ୍ଭ ହୋଇଛି। ଏହା ସୋମବାର ଅନ୍ତର୍ଜାତୀୟ ଯୋଗଦିବସରେ ଶେଷ ହେବ। କୋଭିଡ ନିୟମାନୁସାରେ ଶିବିରକୁ ବନ୍ଦର ଉପାଧ୍ୟକ୍ଷ ଏ.କେ. ବୋଷ ଉଦଘାଟନ କରିଥିଲେ। ଯୋଗ ପ୍ରଶିକ୍ଷକ ତାପସ ପତି ପ୍ରଶିକ୍ଷଣ ଦେଇଥିଲେ। ଏହି ଅବସରରେ ବନ୍ଦର ଉପ ସଚିବ ଟି.କେ.ହାଜରାଚୌଧୁରୀ, ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ପାରାଦୀପ ଫସ୍‌ଫେଟ୍‌ସ ଲିମିଟେଡ(ପିପିଏଲ୍) ପକ୍ଷରୁ ଡିଏଭି ସ୍କୁଲ ପରିସରରେ ଭର୍ଚୁଆଲ ମାଧ୍ୟମରେ ସାପ୍ତାହିକ ଯୋଗ ଶିବିର ଆୟୋଜନ କରାଯାଇଛି। ଗତ୧୬ରୁ ଆରମ୍ଭ ହୋଇଥିବା ଏହି ଶିବିରରେ ୪୦୦ରୁ ଅଧିକ ଛାତ୍ରୀଛାତ୍ର ଭାଗ ନେଇଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଚନ୍ଦ୍ରକାନ୍ତ ମିଶ୍ର, ପିପିଏଲ ମାନବସମ୍ବଳ ଅଧିକାରୀ ଜଗନ୍ନାଥ ଖୁଣ୍ଟିଆ ଓ ଅନ୍ୟମାନେ ଯୋଗଦେଇଥିଲେ। ପ୍ରତିଦିନ ସକାଳ ୭ ରୁ ୮ ପର୍ଯ୍ୟନ୍ତ ଏହି ଯୋଗ ପ୍ରଶିକ୍ଷଣ ଦିଆଯାଉଛି।

## ଅବସରପ୍ରାପ୍ତ ସିଡିଏମ୍‌ଓଙ୍କ ପରଲୋକ

ଧର୍ମଶାଳା,୨୦।୬(ଡି.ଏନ.ଏ.):ଧର୍ମଶାଳା ଅଞ୍ଚଳର ପ୍ରତିଷ୍ଠିତ ଚିକିତ୍ସକ ତଥା ଯାଜପୁର ଜିଲାର ଅବସରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦେବେନ୍ଦ୍ର କୁମାର ଜେନା(୬୭)ଙ୍କ ରବିବାର ପରଲୋକ ହୋଇଯାଇଛି। ସେ କିଛିଦିନ ଧରି ଅସୁସ୍ଥ ଥିଲେ। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ସେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଗଙ୍ଗାଧରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗଡମଧୁପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆଦିରେ ମୁଖ୍ୟ ଚିକିତ୍ସକ ଭାବେ କାର୍ଯ୍ୟ କରି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଭାବେ ଅବସର ନେଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପୁଅ, ବୋହୂ, ଝିଅ ଜ୍ୱାଇଁ ଓ ଆତ୍ମୀୟସ୍ୱଜନ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱନାଥ ପଣ୍ଡାଙ୍କ ଶ୍ରାଦ୍ଧ ଉତ୍ସବ ପାଳିତ

ବାଲିଚନ୍ଦ୍ରପୁର:୨୦।୬(ସ୍ୱ.ପ୍ର.): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସାରସ୍ୱତ ସାଧକ ତଥା କବିରାଜ ବିଶ୍ୱନାଥ ପଣ୍ଡା (ଶୁକବାବୁ)ଙ୍କ ୨୨ତମ ଶ୍ରାଦ୍ଧ ଉତ୍ସବ ରବିବାର ମାହାଙ୍ଗା-ବଡଚଣା ସାହିତ୍ୟ ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ତାଙ୍କ ଜନ୍ମମାଟି ନାନପୁରପାଟଣା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ଭକ୍ତଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ପଣ୍ଡାଙ୍କ ପୁଅ ବୈକୁଣ୍ଠନାଥ ପଣ୍ଡା, କିରଣ କୁମାର ଶତପଥୀ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଉପେନ୍ଦ୍ର ନାଥ ସ୍ୱାଇଁ, ଶିଶୁ ସାହିତ୍ୟିକ ସରୋଜକାନ୍ତ ପରିଡା,ଏକାଦଶୀ ସେଠୀ,ମାନସ ରଞ୍ଜନ ଦେଓ ଓ ଅଭିମନ୍ୟୁ ବଳ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ୧୫ ହଜାର ହେକ୍ଟରରୁ ଅଧିକ ବେଆଇନ ଘେରି

କେନ୍ଦ୍ରାପଡ଼ା ଅଫିସ/ ରାଜନଗର, ୨୦।୬: (ଡି.ଏନ.ଏ.)



ପ୍ରଶାସନ ପକ୍ଷରୁ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରାଯାଉଛି।

- ୧୪୧ ମାମଲାରେ ସୀମିତ ଚିଙ୍ଗୁଡ଼ି ଘେରି ଉଚ୍ଛେଦ
- ପରିବେଶ ନଷ୍ଟ କରୁଥିବାରୁ ଉଚ୍ଚ ନ୍ୟାୟାଳୟର ଉଦ୍‌ବେଗ
- ଅତୀତରେ ବିଶ୍ୱ ଐତିହ୍ୟ ତାଲିକାରୁ ବଞ୍ଚିତ ଜାତୀୟ ଉଦ୍ୟାନ
- ରାଜନଗର ଅଞ୍ଚଳରୁ ୫ ମାଫିଆ ଗିରଫ

କେନ୍ଦ୍ରାପଡ଼ା ଜିଲା ରଜନଗର ଜାତୀୟ ଉଦ୍ୟାନ ଭିତରକନିକାରେ ଥିବା ୧୪୧ ବେଆଇନ ଚିଙ୍ଗୁଡ଼ି ଘେରିକୁ ଗତ ୧୭ ତାରିଖରେ ରାଜସ୍ୱ, ବନ ବିଭାଗ ଓ ଜିଲା ପୋଲିସର ମିଳିତ ଭାବେ ଚଢ଼ାଉ କରି ଉଚ୍ଛେଦ କରିଥିଲେ। ଏହି ଘେରିର ମାଲିକଙ୍କ ଉପରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ମାମଲା ରୁଜୁ ହୋଇଛି। ଏଥିସହ ରାଜନଗର ଅଞ୍ଚଳରୁ ୫ ଜଣ ଘେରି ମାଲିକଙ୍କୁ ପୋଲିସ ଗିରଫ କରିଛି। ତେବେ ଏହି ଉଚ୍ଛେଦ କାର୍ଯ୍ୟକ୍ରମ ଏବେ ଶିଥିଳ ପଡିଯାଇଛି। ଗତ ୩ ଦିନ ମଧ୍ୟରେ ଏ ନେଇ କୌଣସି ତତ୍ପରତା ପ୍ରକାଶ ପାଇନାହିଁ, ଯାହାକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ୧୫ ହଜାରରୁ ଅଧିକ ହେକ୍ଟର ଅଞ୍ଚଳରେ ଏପରି ଘେରି ରହି ଜାତୀୟ ଉଦ୍ୟାନର ପରିବେଶ ନଷ୍ଟ କରୁଛି। ବନ୍ୟ ଓ ସାମୁଦ୍ରିକ ପ୍ରାଣୀଙ୍କ ମୃତ୍ୟୁର କାରଣ ସାଜିଥିବା ବେଳେ ସ୍ଥାନୀୟ ଚାଷୀଙ୍କ ଚାଷଜମି ନଷ୍ଟ କରୁଛି। ଏପରିକି ୨୦୧୭ରେ ୟୁନେସ୍କୋ ପକ୍ଷରୁ ସର୍ବେକ୍ଷଣ ପରେ ହୋଇଥିବା ବୈଠକରେ ବିଶ୍ୱ ଐତିହ୍ୟ ତାଲିକା ମାନ୍ୟତା ପାଇବାରୁ ଭିତରକନିକା ବଞ୍ଚିତ ହୋଇଛି। ଏ ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ ସହ ସିଆର୍‌ଜେଡ୍ (କୋଷ୍ଟାଲ ରେଗୁଲେଶନ ଜୋନ) ନିୟମର ଉଲ୍ଲଙ୍ଘନ ହେଉଥିବା ପରିବେଶବିତ୍‌ମାନେ ମତ ଦେଇଛନ୍ତି।

ପରିବେଶବିତ୍ ହେମନ୍ତ କୁମାର ରାଉତ, ଅଶୋକ ଚନ୍ଦ୍ର ସ୍ୱାଇଁ, ସେକ୍ ଚାନ୍ଦ ପ୍ରମୁଖ କହିଛନ୍ତି, ଚିଙ୍ଗୁଡ଼ିଘେରି ପାଇଁ ତଟ ଅଞ୍ଚଳ ନଷ୍ଟ ହୋଇଛି। ୧୦ ବର୍ଷ ମଧ୍ୟରେ ଘେରି ଦ୍ୱାରା ପ୍ରାୟ ୬୦ବର୍ଗ କି.ମି. ହେନ୍ତାଳବଣକୁ ନଷ୍ଟ କରିଛି। ଚିଙ୍ଗୁଡ଼ିଘେରି ପାଇଁ ବ୍ୟବହାର ହେଉଥିବା ଔଷଧ ଓ ରାସାୟନିକ ଦ୍ରବ୍ୟର ବର୍ଜ୍ୟବସ୍ତୁ ନଦୀ ନାଳ ମଧ୍ୟ ଦେଇ ସମୁଦ୍ରକୁ ଯାଉଛି। ଏହି ବର୍ଜ୍ୟ ଜଳ ସାମୁଦ୍ରିକ ଜୀବଙ୍କ ଜୀବନ ନେଉଛି। ଏପରିକି ଅଲିଭ୍ ରିଡ୍‌ଲେ କଇଁଛ ପାଇଁ ବିଶ୍ୱର ଆକର୍ଷଣ ସାଜିଥିବା ଗହୀରମଥା ସମୁଦ୍ରାଞ୍ଚଳରେ ଏମାନଙ୍କ ମୃତ ଶରୀର ଦେଖିବାକୁ ମିଳୁଛି। ସେହିପରି ଡଲ୍‌ଫିନ ଓ ଅନ୍ୟ ସାମୁଦ୍ରିକ ପ୍ରାଣୀଙ୍କ ମୃତ୍ୟୁର କାରଣ ସାଜିଛି। ଚିଙ୍ଗୁଡ଼ିଘେରିରୁ ନିର୍ଗତ ବାଷ୍ପ ସ୍ଥାନୀୟ ପରିବେଶ ନଷ୍ଟ କରୁଛି। ଫଳରେ ବନ୍ୟପ୍ରାଣୀଙ୍କ ସଂଖ୍ୟା କମୁଛି। ଘେରି ପାଇଁ ହେଉଥିବା ନାଳରେ ଲୁଣିଜଳ ଆସିବା ପରେ ସ୍ଥାନୀୟ ଚାଷଜମି ଉଜୁଡିଛି। ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ଜୈବ ବିବିଧତା ପାଇଁ ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନ ପାଇବାକୁ ଥିବା ବେଳେ ୨୦୧୬ରେ ଏଠାକୁ ଆସିଥିବା ସର୍ବେକ୍ଷଣ ଦଳ ଚିଙ୍ଗୁଡି ଘେରିକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ୨୦୧୫ରୁ ସୁପ୍ରିମକୋର୍ଟ ନିର୍ଦ୍ଦେଶରେ ହାଇକୋର୍ଟ ପକ୍ଷରୁ ବେଆଇନ ଚିଙ୍ଗୁଡିଘେରି ଉଚ୍ଛେଦ ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସତ୍ତ୍ୱେ ଘେରି ଉଚ୍ଛେଦ ନେଇ ଜିଲା ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ପ୍ରଶାସନ ପକ୍ଷରୁ ଭଙ୍ଗା ଯାଉଥିବା ଘେରି ଅଳ୍ପଦିନ ମଧ୍ୟରେ ପୁଣି ଗଢି ଉଠୁଛି। ତଟାଞ୍ଚଳର ଏହି ଘେରି ସିଆର୍‌ଜେଡ୍‌ର ନିୟମ ଉଲ୍ଲଙ୍ଘନ କରୁଛି ବୋଲି ସେମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା ମତ୍ସ୍ୟ ବିଭାଗ ଅଧିକାରୀ ମମତା ମହାପାତ୍ର କହିଛନ୍ତି, ତଟ ଅଞ୍ଚଳରେ ଥିବା ୭୨୯ଟି ଚିଙ୍ଗୁଡିଘେରି ପାଇଁ ଅନୁମତି ପାଇଛନ୍ତି। ଅନ୍ୟସବୁ ଘେରି ବେଆଇନ। ବେଆଇନ ଘେରି ନିର୍ମାଣରେ ମାଲିକଙ୍କୁ ୩ ବର୍ଷ ଜେଲ ଅଥବା ୧ ଲକ୍ଷ ଟଙ୍କା ଜରିମାନା ହୋଇପାରେ ବୋଲି ସେ ମତ ଦେଇଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରାଙ୍କୁ ପଚାରିବାରେ ବେଆଇନ ଚିଙ୍ଗୁଡ଼ିଘେରି ଉଚ୍ଛେଦକୁ ପ୍ରଶାସନ ଗୁରୁତ୍ୱ ଦେଉଛି। ପୂର୍ବରୁ ବହୁ ଘେରି ଭଙ୍ଗାଯାଇଛି। ଏବେ ୧୪୧ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ସୋମବାରଠାରୁ ପୁଣି ଘେରି ଭଙ୍ଗା ଆରମ୍ଭ ହେବ ବୋଲି ସେ କହିଛନ୍ତି।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ପଟ୍ଟାମୁଣ୍ଡାଇ,୨୦।୬(ସ୍ୱ.ପ୍ର.)

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବଜାର ସବ୍‌ରେଜିଷ୍ଟ୍ରାର ଅଫିସ ଗେଟ ସାମ୍ନାରେ ଥିବା ଏକ ଦୋକାନ ଖଟ ଉପରୁ ରବିବାର ଜଣେ ଯୁବକଙ୍କ ମୃତଦେହ ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ମୃତ ଯୁବକ ହେଲେ ସତ୍ୟରଞ୍ଜନ ସାମଲ(୩୨)। ଘର ଯାଜପୁର ଜିଲା ବଡଚଣା ଖଡିଅଙ୍ଗ କୁଳହରିପୁର ଗାଁରେ ବୋଲି ପୋଲିସ ଜାଣିବାକୁ ପାଇଛି। ତେବେ ସନ୍ଦେହଜନକ ଭାବେ ମୃତଦେହ ଜବତ ହୋଇଥିବା ବେଳେ ଯୁବକଙ୍କ ପିତା ହତ୍ୟା ଅଭିଯୋଗ ଆଣିଛନ୍ତି।

କୁଳହରିପୁର ଗାଁର ସତ୍ୟରଞ୍ଜନଙ୍କର ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ବଡମୂଳବସନ୍ତ ଗାଁର ଉମେଶ ପାତ୍ରଙ୍କ ଝିଅ ସାଗରିକାଙ୍କ ସହ ୭ ବର୍ଷ ତଳେ ବିବାହ ହୋଇଥିଲା। ତେବେ ପାରିବାରିକ ବିବାଦ ଯୋଗୁ ସତ୍ୟ ଓ ସାଗରିକା ୭ ମାସ ହେବ ନିଜ ଶ୍ୱଶୁର ଘର ବଡମୂଳବସନ୍ତରେ ରହୁଥିଲେ। ରବିବାର ସତ୍ୟଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ପଟ୍ଟାମୁଣ୍ଡାଇ ସବରେଜିଷ୍ଟ୍ରାର ଅଫିସ ସମ୍ମୁଖରୁ ଜବତ କରାଯାଇଛି। ମୃତ ସତ୍ୟଙ୍କ ପରିବାର ପକ୍ଷରୁ ସତ୍ୟଙ୍କୁ ତାଙ୍କ ଶ୍ୱଶୁରଘରେ ନିର୍ଯାତନା ଦିଆଯାଉଥିବା ନେଇ ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ କରାଯାଇଛି। ଶ୍ୱଶୁରଘରେ ନିର୍ଯାତନା ସମ୍ପର୍କରେ ସତ୍ୟଙ୍କ ବାପା ଅଜିତ ଓ ତାଙ୍କ ଭାଇ ନିହାରଙ୍କୁ ଗତ ୧୬ ତାରିଖରେ ଫୋନରେ ଜଣାଥିବା ଏତଲାରେ ଦର୍ଶାଯାଇଛି। ସେହିପରି ଶନିବାର ସନ୍ଧ୍ୟାରେ ଶ୍ୱଶୁରଘରେ ତାଙ୍କୁ ନିର୍ଯାତନା ଦିଆଯାଉଥିବା ସତ୍ୟ ନିଜ ପରିବାର ଲୋକଙ୍କୁ ଫୋନରେ ଜଣାଇଥିବା ଅଭିଯୋଗ ହୋଇଛି। ସତ୍ୟଙ୍କ ମୃତଦେହ ମିଳିବା ପରେ ତାଙ୍କୁ ହତ୍ୟା କରାଯାଇଥିବା ନିଶ୍ଚିତ ବୋଲି ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗର ସତ୍ୟତା ଉପରେ ତଦନ୍ତ ଆରମ୍ଭ କରିଛି। ଆଇଆଇସି ରାକେଶ ତ୍ରିପାଠୀଙ୍କ ନିର୍ଦ୍ଦେଶରେ ପୋଲିସ ଏ ସମ୍ପର୍କରେ ମାମଲା ରୁଜୁ କରି ଅପରାହ୍ନରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ସନ୍ଦେହଜନକ ମୃତ୍ୟୁ ନା ହତ୍ୟା ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଗାଁକୁ ରାସ୍ତା, ପାଣି ପାଇଁ ନଳକୂପ ନାହିଁ



ବାରବାଟି ହରିଜନ ସାହିକୁ ଭଲ ରାସ୍ତା ନାହିଁ।



ମହିଳାମାନେ ୧ କିମି ଦୂର ନଳକୂପରୁ ପାଣି ପାଇଁ ଧାଡିରେ ଠିଆ ହୋଇଛନ୍ତି।

ଆଳି,୨୦।୬(ଡି.ଏନ.ଏ)

## ପ୍ରଶାସନ ଦୃଷ୍ଟି ଆଢୁଆଳରେ ବାରବାଟି ହରିଜନ ସାହି

କେନ୍ଦ୍ର ଓ ରାଜ୍ୟ ସରକାର ରାଜ୍ୟର ବିକାଶ ନିମନ୍ତେ ବିଭିନ୍ନ ଯୋଜନା ମାଧ୍ୟମରେ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧିଙ୍କ ଅବହେଳାରୁ ସରକାରଙ୍କ ସମସ୍ତ ଯୋଜନା ସବୁଠାରେ ପହଞ୍ଚି ପାରୁନାହିଁ। ଏବେ ମଧ୍ୟ ଏଭଳି ଅବସ୍ଥାରେ ଲୋକ ଅଛନ୍ତି; ଯେଉଁଠି ନା ଅଛି ଭଲ ରାସ୍ତା ନା ପାନୀୟଜଳର ବ୍ୟବସ୍ଥା। ରାଜନେତାଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତେ ସେଠାକୁ ଯାଇ ସମସ୍ୟାର ସମାଧାନ ପାଇ କେବଳ ପ୍ରତିଶ୍ରୁତି ଦେଇ ଆସୁଛନ୍ତି। ସରକାରୀ ସୁବିଧାରୁ ବଞ୍ଚିତ ହୋଇ ଦିନ କାଟୁଛନ୍ତି କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ନିଆଳ ପଞ୍ଚାୟତର ଗୌଡପାଟଣା ବାରବାଟି ହରିଜନ ସାହିର ବାସିନ୍ଦା। ହରିଜନ ସାହିରେ ପ୍ରାୟ ୩ ଶହରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି। କିନ୍ତୁ ବିଡମ୍ବନାର ବିଷୟ, ଏହି ଗାଁକୁ ପକ୍କା ରାସ୍ତା କି ପିଇବା ପାଇଁ ନଳକୂପଟିଏ ନାହିଁ। ପାଣି ଟୋପେ ପାଇଁ ମହିଳାମାନେ ୧ କି.ମି. ଦୂରରେ ଥିବା ନଳକୂପ ନିକଟରେ ଲାଇନ ଦେଉଥିବା ଦେଖିବାକୁ ମିଳୁଛି। ଅପରପକ୍ଷରେ ହରିଜନ ସାହିକୁ କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାରୁ ଯାଇଥିବା ବିଲ ରାସ୍ତାଟି କାଦୁଅ ପଚର ପଚର ହେଉଛି। ବର୍ଷା, ବାତ୍ୟା ସମୟରେ ସେମାନଙ୍କ ଅବସ୍ଥା ଆହୁରି ସଙ୍ଗିନ ହୋଇପଡୁଛି। ରାସ୍ତାଗୁଡିକ ସମ୍ପୂର୍ଣ୍ଣ ଭାବେ ପାଣିରେ ବୁଡି ଯାଉଥିବାରୁ ଯାତାୟାତରେ ଅସୁବିଧା ହେଉଛି। ଏପରି କି ଛୋଟଛୋଟ ପିଲା ମଧ୍ୟ ପାଣିରେ ପଶି ସ୍କୁଲ ଯାଇଥାନ୍ତି। ତୁରନ୍ତ ପ୍ରଶାସନ ପକ୍ଷରୁ ସେମାନଙ୍କୁ ସୁବିଧାରେ ଯାତାୟାତ ନିମନ୍ତେ ଏକ ପକ୍କା ରାସ୍ତା ଯୋଗାଇବା ସହ ଏକ ନଳକୂପ ବସାଇବାକୁ ଗାଁର ଭାଗବତ ସେଠୀ, କୃଷ୍ଣଚନ୍ଦ୍ର ସେଠୀ, ବିସ୍ମୟ ରଞ୍ଜନ ମଲିକ, ବନମାଳୀ ମଲିକ, ଦଶରଥ ମଲିକ, ନବକିଶୋର ମଲିକ, ଅମୂଲ୍ୟ ମଲିକ, କୁଶ ମଲିକ, ବଳରାମ ମଲିକ, କାହ୍ନୁଚରଣ ମଲିକ, ଲକ୍ଷ୍ମଣ ମଲିକଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ନିଆଳ ସରପଞ୍ଚ ସୁକାନ୍ତି ମଲିକଙ୍କୁ ପଚାରିବାରୁ ହରିଜନ ସାହିକୁ ପକ୍କାରାସ୍ତା କରିବା ନିମନ୍ତେ ଚେଷ୍ଟା କରାଯାଉଛି। ସେଠାରେ କେତେଜଣ ଲୋକଙ୍କ ଜମିଥିବାରୁ ସେମାନେ ଜାଗା ଛାଡୁନାହାନ୍ତି। ରାସ୍ତା ନିମନ୍ତେ ଜାଗା ମିଳିଲେ ତୁରନ୍ତ ରାସ୍ତା ଯୋଗାଇ ଦିଆଯିବ। ଅପରପକ୍ଷରେ ସରକାରଙ୍କ ପକ୍ଷରୁ ବର୍ତ୍ତମାନ ନଳକୂପ ଆସୁନାହିଁ। ଆମ୍ଭ ନିକଟରେ ଏହାର ମଧ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ନାହିଁ।

# ଏଟିଏମ୍ ଲୁଟ୍ ଉଦ୍ୟମ କରିଥିବା ଯୁବକ ଗିରଫ

ରାଜନଗର,୨୦।୬(ଡି.ଏନ.ଏ.)

ରାଜନଗର ଥାନା ଅଞ୍ଚଳରେ ଚୋରଙ୍କ ଆତଙ୍କରାଜରେ ଲୋକେ ଭୟଭୀତ ହୋଇପଡିଛନ୍ତି। ରାଜନଗର ବଜାରରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଏଟିଏମ୍‌କୁ ଗତ ୧୭ ତାରିଖ ବିଳମ୍ବିତ ରାତିରେ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ରେସୋ ଗାଁର ସନ୍ତୋଷ ପଣ୍ଡା ଏଟିଏମ୍ ଭାଙ୍ଗି ଥିଲେ ବି ଟଙ୍କା ଲୁଟ୍ କରି ନ ପାରି ଫେରାର ହୋଇଯାଇଥିଲେ। ଏଟିଏମ୍‌ର ଡିଜିଟାଲ ଲକ୍ ସେ ଖୋଲି ନ ପାରିବାରୁ ଲୁଟ୍ ଉଦ୍ୟମ ବିଫଳ ହୋଇଥିଲା। ହେଲେ ଏଟିଏ୍ ଲାଗି ଥିବା ସିସିଟିଭିରେ ତାଙ୍କର ଫଟୋ କଏଦ ହୋଇଯାଇଥିଲା। ଆଇଆଇସି ତପନ କୁମାର ନାୟକ ଏକ ଟିମ୍ ସହ ଭୁବନେଶ୍ୱର ଭରତପୁର ଅଞ୍ଚଳରୁ ସନ୍ତୋଷଙ୍କୁ ଗିରଫ କରିଛନ୍ତି। ଥାନାରେ ନଂ. ୨୮୭/୨୧ରେ ମାମଲା ରୁଜୁ ହୋଇଛି। ଏଟିଏମ୍ ଭଙ୍ଗା ଯାଉଥିବା ସମ୍ପର୍କରେ ସୂଚନା ହାଇଦ୍ରାବାଦରେ ପହଞ୍ଚି ଥିଲା। ସେଠାରୁ ସଙ୍ଗେ ସଙ୍ଗେ ରାଜନଗର ଆଇଆଇସି ନାୟକଙ୍କୁ ସୂଚନା ଦିଆଯାଇଥିଲା। ସେ ଘଟଣାସ୍ଥଳରେ ପହଞ୍ଚି ଏଟିଏମ୍ ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ।

# ଯୁବ ଅବସ୍ଥାରେ ପରିବାର ପାଇଁ ବୋଝ



ମା'ଙ୍କ ସହ ଅଜଣା ରୋଗରେ ପୀଡିତ ରାଜକିଶୋର ଭୋଇ।

ନାଉଗାଁ,୨୦।୬(ସ୍ୱ.ପ୍ର.)

## ରାଜ କିଶୋରଙ୍କ ଚିକିତ୍ସା ପାଇଁ ଅର୍ଥ ନାହିଁ

ନାଉଗାଁ ବ୍ଲକ ଅଲଣା ପଞ୍ଚାୟତ ଅନ୍ତର୍ଗତ ଅଲଣାହାଟସ୍ଥିତ ରାଜ କିଶୋର ଭୋଇ (୩୦) ଅଜଣା ରୋଗରେ ପୀଡିତ ହୋଇ ସିଧା ଠିଆ ହୋଇପାରୁନାହାନ୍ତି। ତାଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ଫଳରେ ଯୁବ ଅବସ୍ଥାରେ ପରିବାର ପାଇଁ ବୋଝ ପାଲଟିଯାଇଛନ୍ତି। ପରିବାର କହିଲେ, ବିଧବା ମା, ସ୍ତ୍ରୀଙ୍କ ସହ ୧୦ ଓ ୫ ବର୍ଷର ୨ ପୁଅଙ୍କୁ ବୁଝାଏ। ରାଜକିଶୋର ମୂଳ ଲାଗି ପରିବାର ପୋଷଣ କରିଥାନ୍ତି। କିଛି ଦିନ ତଳେ ରାଜକିଶୋର ହଠାତ୍ ଦୁର୍ବଳ ହୋଇଯାଇଥିଲେ। ଏଥିଯୋଗୁ ସେ ଆଉ ମୂଲ ଲାଗି ପାରିଲେ ନାହିଁ। ପରିବାର ଲୋକ ତାଙ୍କୁ ପ୍ରଥମେ ନିକଟସ୍ଥ ଚିକିତ୍ସାଳୟ ଓ ପରେ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର କୌଣସି ସୁଫଳ ମିଳି ନ ଥିଲା। ଫଳରେ ଘରେ ପଡ଼ିରହିବା ଛଡା ତାଙ୍କ ପାଖରେ ଅନ୍ୟ କୌଣସି ଉପାୟ ନ ଥିଲା। ଅର୍ଥାଭାବରୁ ପୁଅକୁ ଭଲ ଡାକ୍ତରଙ୍କୁ ଦେଖାଇ ପାରୁନାହାନ୍ତି ବୋଲି ରାଜକିଶୋରଙ୍କ ମା' କହିଛନ୍ତି। ନିଜସ୍ୱ ଜମିବାଡି ନ ଥିବା ବେଳେ ସେ ପରିଣତ ବୟସରେ ପର ଘର ବୁଲି ମୂଲମଜୁରି ଲାଗିବାକୁ ବାଧ ହେଉଛନ୍ତି। ଏଭଳିପରିସ୍ଥିତରେ ୨ ପିଲାଙ୍କୁ କିପରି ମଣିଷ ସେ ନେଇ ରାଜକିଶୋର ଚିନ୍ତିତ ହୋଇପଡିଛନ୍ତି। ଚିକିତ୍ସା ପାଇଁ ସହାୟତା ଯୋଗାଇ ଦେବା ପାଇଁ ସେ ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତି।

# ପ୍ରେମିକଙ୍କୁ ବିଷ ପିଆଇ ହତ୍ୟା ଅଭିଯୋଗ

ପଟ୍ଟାମୁଣ୍ଡାଇ,୨୦।୬(ସ୍ୱ.ପ୍ର.)

## ଆମ୍ବେରରେ ପ୍ରେମ ବ୍ୟାପାରକୁ ନେଇ ତୁମୁଳକାଣ୍ଡ

କେନ୍ଦ୍ରାପଡ଼ା ଥାନା ଗୁଣ୍ଡୁପୁର ଗାଁର ଗଣେଶ ତରାଇଙ୍କ ପୁଅ ଉତ୍ତମ ପଟ୍ଟାମୁଣ୍ଡାଇ ଥାନା ଆମ୍ବେର ଗାଁର ଜଣେ ଝିଅଙ୍କୁ ଦୀର୍ଘଦିନ ହେବ ପ୍ରେମ କରୁଥିଲେ। ଉଭୟେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ନିକଟରେ ଝିଅଙ୍କ ପରିବାର ଲୋକେ ତାଙ୍କ ବିବାହ ଅନ୍ୟତ୍ର ଠିକ୍ କରିବାକୁ ଯୋଜନା କରିଥିଲେ। ରବିବାର ଏ ସମ୍ପର୍କରେ ପ୍ରେମିକା ତାଙ୍କ ପ୍ରେମିକ ଉତ୍ତମଙ୍କୁ ଜଣାଇ ତାଙ୍କୁ ତୁରନ୍ତ ଆସି ନେଇ ଯିବାକୁ ଫୋନରେ ଅନୁରୋଧ କରିଥିଲେ। ପ୍ରେମିକାଙ୍କ ଫୋନ ପାଇ ଉତ୍ତମ ତାଙ୍କ ଗାଁ ଆମ୍ବେରରେ ପହଞ୍ଚିଥିଲେ। ପରେ ଉତ୍ତମଙ୍କୁ ମୁମୂର୍ଷ ଅବସ୍ଥାରେ ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଗଣେଶ ତାଙ୍କ ପୁଅଙ୍କୁ ଆମ୍ବେରର ପ୍ରେମିକାଙ୍କ ଦ୍ୱାରା ଫୋନ କରି ଡାକି ତାଙ୍କ ବାପା ମାଡ଼ ମାରିବା ସହ ବିଷ ପିଆଇ ମାରି ଦେଇଥିବା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ମାମଲା ରୁଜୁ ହୋଇଛି ବୋଲି ଆଇଆଇସି ରାକେଶ ତ୍ରିପାଠୀ କହିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ଛାନଭିନ୍ ଚଳାଇଥିବା ଜଣାପଡିଛି। ତେବେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଉତ୍ତମ ମୃତ୍ୟୁ ଉପରୁ ପରଦା ହଟିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଅଫ୍‌ଲାଇନରେ ବିକ୍ରି ହେଉଛି ମଦ

କଳିଙ୍ଗନଗର,୨୦।୬(ଡି.ଏନ.ଏ.)

କରୋନା କଟକଣା ସମୟରେ ଅନ୍‌ଲାଇନରେ ମଦ ବିକ୍ରି କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ହେଲେ ଦାନଗଦି ମିଲିଟାରୀ ଛକରେ ଥିବା ଏକ ବାର୍‌ରେ ଶନିବାର, ରବିବାରକୁ ବାଦ୍ ଦେଲେ ଅନ୍ୟ ଦିନରେ ଅଫ୍ ଲାଇନ୍‌ରେ ମଦ ବିକ୍ରି ଚାଲିଛି। ସେହିପରି ତେଲିବାହାଳି ଛକ, ମଙ୍ଗଳପୁର ଛକ, ମାଣତିରା ଛକ, ଯାଜପୁର ରୋଡର ଚୋରଦା ବାଇପାସ ଛକ, ଧବଳଗିରି ଛକରେ ମଦ ବିକ୍ରି ଚାଲିଛି। ଆଗପଟେ ଦୋକାନ ବନ୍ଦ ଥିବାବେଳେ ପଛପଟେ ମଦ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

# ଭଲମଣିଷ ହେବାକୁ ପିଲାଙ୍କୁ ଦେଉଥିଲେ ପ୍ରେରଣା

ଡେରାବିଶ, ୨୦।୬ (ସ୍ୱ.ପ୍ର.)

## ରଘୁନାଥ ସିହ୍ନାଙ୍କ ସ୍ମୃତିସଭା

ଡେରାବିଶ ବ୍ଲକ ଅଧୀନ ନହଙ୍ଗ ପଞ୍ଚାୟତ ବୀରନୀଳକଣ୍ଠପୁରସ୍ଥିତ ମା' ରାମଚଣ୍ଡୀଙ୍କ ପୀଠରେ ରବିବାର ସ୍ୱର୍ଗତ ରଘୁନାଥ ସିହ୍ନାଙ୍କର ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଭଲମଣିଷ ହେବାକୁ ଛାତ୍ରୀଛାତ୍ରଙ୍କୁ ସିହ୍ନା ପ୍ରେରଣା ଯୋଗାଉଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଶୈଳଜା ଶଙ୍କର ସାମଲ, ଈଶ୍ୱର ଚନ୍ଦ୍ର ପୃଷ୍ଟିଙ୍କ ସଂଯୋଜନାରେ ସ୍ମୃତିସଭାରେ ଶିକ୍ଷାବିତ୍ ପ୍ରହ୍ଲାଦ ଭଞ୍ଜ ଅଧ୍ୟକ୍ଷତା କରିଥିଲେ। ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ଶିକ୍ଷକନେତା ପ୍ରଣବ କୁମାର ଜେନା, ବିଜୟ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ ସ୍ୱର୍ଗତ ସିହ୍ନା ଜଣେ ଆଦର୍ଶ ତଥା ଛାତ୍ରବତ୍ସଳ ଶିକ୍ଷକ ବୋଲି କହିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ମୃତିସଭାରେ ହଳଧର ଦାଶ, ଅଭିନେତା ତୁଷାର ଘୋଷ, ରଘୁନାଥଙ୍କ ଝିଅ ଗୀତାଞ୍ଜଳି ସିହ୍ନା ଯୋଗ ଦେଇଥିଲେ।



ସ୍ମୃତି ସଭାରେ ଉପସ୍ଥିତ ଅତିଥିମାନେ।

# ମାଣ୍ଡୁକା ପାହାଡ଼ରେ ବେଆଇନ ଖନନ

ଚଣ୍ଡିଖୋଲ,୨୦।୬(ଡି.ଏନ.ଏ.)



ମାଣ୍ଡୁକା ପାହାଡରୁ ମୋରମ ଖନନ ଚାଲିଛି।

- ଦୈନିକ ୨୦ରୁ ଉର୍ଦ୍ଧ୍ୱ ଟ୍ରକ୍ ମୋରମ ଚାଲାଣ
- କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ପ୍ରଶାସନ

ଯାଜପୁର ଜିଲା ଦର୍ପଣ ତହସିଲ ଅନ୍ତର୍ଗତ ମାଣ୍ଡୁକା ପାହାଡ଼ରେ ଗତ କିଛିଦିନ ଧରି ମୋରମ ମାଫିଆମାନେ ସକ୍ରିୟ ହୋଇ ଉଠିଛନ୍ତି। ବେଆଇନ୍ ଭାବେ ଏହି ପାହାଡ଼କୁ ଖନନ କରି ବ୍ୟାପକ ମୋରମ ଓ ବୋଲ୍‌ଡ଼ର ଲୁଟ୍ କରୁଛନ୍ତି। ଅସିହା ପର୍ବତମାଳାର ଅଂଶ ବିଶେଷ ଭାବେ ଉକ୍ତ ପାହାଡ଼କୁ ଗ୍ରହଣ କରାଯାଇଥିଲା । ଜଙ୍ଗଲ ବିଭାଗ ତରଫରୁ ସେହି ପାହାଡ଼କୁ ସଂରକ୍ଷିତ ଜଙ୍ଗଲ ଭାବେ ଘୋଷଣା କରିବା ପାଇଁ ସେତେବେଳେ ଜିଲା ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ପ୍ରଶାସନ ସେ ସଂକ୍ରାନ୍ତରେ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଏବେ କେତେଜଣ ବ୍ୟକ୍ତି ସେହି ପାହାଡ଼କୁ ନିଜ କବ୍‌ଜାକୁ ନେଇଥିବା ଅଭିଯୋଗ ହୋଇଛି ।

ମାଣ୍ଡୁକା ପାହାଡ଼ର ଶୀର୍ଷରେ ସତ୍ୟପୀର ପୂଜା ପାଉଛନ୍ତି। ଅପରପାର୍ଶ୍ୱରେ ମା'ନାହାକାଣୀ ମନ୍ଦିର ରହିଛି। ରାଜ୍ୟ ପର୍ଯ୍ୟଟନ ବିଭାଗ ତରଫରୁ ପର୍ଯ୍ୟଟନ କ୍ଷେତ୍ର ଭାବେ ପରିଚିତ କରିବା ପାଇଁ ସେହି ପାହାଡ଼କୁ ଚିହ୍ନଟ କରାଯିବା ସହ ସୌନ୍ଦର୍ଯ୍ୟକରଣ ପାଇଁ ଅର୍ଥ ବ୍ୟୟ ବରାଦ ହୋଇଛି। ଏହା ସହ ସେଠାରେ ବନ ବିଭାଗର ଏକ କାଜୁ ଜଙ୍ଗଲ ରହିଛି। ଏବେ ସେହି ପାହାଡ଼ ଅବସ୍ଥା ଦେଖିଲେ ପ୍ରତିଦିନ ଖନନ ଚାଲିଥିବା ସ୍ପଷ୍ଟ ହୋଇଛି। ଦୈନିକ ୨୦ରୁ ଉର୍ଦ୍ଧ୍ୱ ଟ୍ରକ ମୋରମ ସେହି ପାହାଡ଼ରୁ ଖନନ କରାଯାଇ ବେଆଇନ ଚାଲାଣ କରାଯାଉଛି । ଏମିତି ଆଉ କିଛିଦିନ ଚାଲିଲେ ପାହାଡ଼ଟି ଧ୍ୱଂସ ପାଇଯିବ ବୋଲି ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। କେବଳ ସେତିକି ନୁହେଁ ଏହାର ଚତୁଃପାର୍ଶ୍ୱ ବନୀକରଣ କରାଯାଇ ଜଙ୍ଗଲ ବିଭାଗ ତରଫରୁ ଯେଉଁ ବୃକ୍ଷରୋପଣ କରାଯାଇଥିଲା ତାହା ମଧ୍ୟ ଧ୍ୱଂସ ପାଇଲାଣି। ତୁରନ୍ତ ବେଆଇନ ଖନନ ବନ୍ଦ କରିବାକୁ ଦାବି ହୋଇଛି ।

ଏ ସମ୍ପର୍କରେ ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀଙ୍କୁ ପଚାରିବାରୁ ସେ କୁହନ୍ତି, ସଂପୃକ୍ତ ସ୍ଥାନରେ ଚଢାଉ କରାଯିବ ଏବଂ ଖନନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସଂକ୍ଷେପରେ

### ଆଜି ରୁକ୍ମିଣୀଙ୍କୁ ହରଣ କରି ବାହା ହେବେ ଶ୍ରୀକୃଷ୍ଣ

**ଖଣ୍ଡପଡ଼ା,୨୦।୬ (ସ୍ୱ.ପ୍ର.):** କୁଣ୍ଡିନ ନଗର ରାଜା ଭୀଷ୍ମ, ତାଙ୍କ ଝିଅ ରୁକ୍ମିଣୀଙ୍କ ଅନିଚ୍ଛା ସତ୍ତ୍ୱେ ଶିଶୁପାଳଙ୍କ ସହ ବିବାହ ସ୍ଥିର କରିଥିଲେ। ଏହିକ୍ରମରେ ରବିବାର କନ୍ୟାଘର ପକ୍ଷରୁ ନୀଳମାଧବ ପୀଠ ବରପକ୍ଷ ଶିଶୁପାଳଙ୍କ ଘରକୁ ଚିଟାଉ ଯାଇଥିଲା। ମାତ୍ର ରୁକ୍ମିଣୀ ଦ୍ୱାରିକାଧିପତି ଶ୍ରୀକୃଷ୍ଣଙ୍କୁ ନିଜର ପତି ରୂପେ ବାଛି ନେଇଥିଲେ। ଶିଶୁପାଳଙ୍କ ସହ ରୁକ୍ମିଣୀଙ୍କ ବିବାହ ପ୍ରସ୍ତୁତି ଚାଲିଥିଲା। ତାଙ୍କୁ ଗୋପନରେ ନେଇଯିବା ପାଇଁ ରୁକ୍ମିଣୀ ଶ୍ରୀକୃଷ୍ଣଙ୍କୁ ସୂଚନା ଦେଇଥିଲେ। ପୁରାଣର ଏହି କଥାବସ୍ତୁକୁ ଆଧାର କରି ସୋମବାର ଶୁକ୍ଳ ଏକାଦଶୀ ତିଥିରେ ପୂର୍ବ ଯୋଜନାକ୍ରମେ ରୁକ୍ମିଣୀ ନୀଳମାଧବ ଜୀଉ ମନ୍ଦିର ପରିସରରେ ଥିବା ବିମଳା (ପାର୍ବତୀ)ଙ୍କ ମନ୍ଦିରରେ ଅପେକ୍ଷା କରି ରହିଥିବାବେଳେ ଶ୍ରୀନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ (ଦ୍ୱାରିକାଧିପତି ଶ୍ରୀକୃଷ୍ଣ) ସେଠାରେ ପହଞ୍ଚି ତାଙ୍କୁ ହରଣ କରିନେବେ। ପରେ ପାରମ୍ପରିକ ରୀତିରେ ନୀଳମାଧବ ଜୀଉଙ୍କ ମୁକ୍ତି ମଣ୍ଡପରେ ଏହି ବିବାହ କାର୍ଯ୍ୟ ସମ୍ପନ୍ନ ହେବ। ଏଥିପାଇଁ ନୀଳମାଧବ ପୂଜକ ସମାଜ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

### ମହିଳାଙ୍କୁ ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

**ବୁଗୁଡ଼ା,୨୦।୬(ଡି.ଏନ.ଏ.):** ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ମାଣିକପୁରରେ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମହିଳାଙ୍କ ମା'ଙ୍କ ଅଭିଯୋଗକ୍ରମେ ବୁଗୁଡ଼ା ପୋଲିସ ନଂ. ୩୦୩/୨୧ରେ ମାମଲା ରୁଜୁ କରି ତାଙ୍କ ସ୍ୱାମୀଙ୍କୁ ଅଟକ ରଖିଛି। ମୃତ ମହିଳା ହେଲେ ମାଣିକପୁର ଗ୍ରାମର ଲିଜା ସାହୁ (୨୬)। ତାଙ୍କର ଦେଢ଼ ବର୍ଷର ଶିଶୁକନ୍ୟା ଥିବା ଜଣାପଡ଼ିଛି। ୩ ବର୍ଷ ତଳେ ମାଣିକପୁରରେ କବିସୂର୍ଯ୍ୟନଗର ଥାନା ଜରଡ଼ ଗ୍ରାମର ଅରୁଣ ସାହୁଙ୍କ ଝିଅ ଲିଜାଙ୍କ ବିବାହ ହୋଇଥିଲା। ବାପଘର ପକ୍ଷରୁ ଆବଶ୍ୟକ ମୁତାବକ ଯୌତୁକ ମଧ୍ୟ ପ୍ରଦାନ କରାଯାଇଥିଲା। ତେବେ ଲିଜା ଆଣିଥିବା ଏକ ମଙ୍ଗଳ ସୂତ୍ରକୁ ନେଇ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗିବାରୁ ଲିଜା ପ୍ରାୟ ୨ ମାସ ହେଲା ବାପଘରେ ରହୁଥିଲେ। ତିନିଦିନ ତଳେ ଲିଜାଙ୍କୁ ବୁଝାଶୁଝା କରି ତାଙ୍କ ସ୍ୱାମୀ ଶାଶୁଘରକୁ ଆଣିଥିଲେ। ରବିବାର ସକାଳେ ପୁଣି ଉଭୟଙ୍କ ମଧ୍ୟରେ ଝଗଡ଼ା ହେବାରୁ ଲିଜା ବିଷ ଖାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ଶାଶୁଘର ଲୋକେ ଯୌତୁକ ପାଇଁ ଲିଜାଙ୍କୁ ହତ୍ୟା କରିଥିବା ନେଇ ମା' ଜ୍ୟୋସ୍ନାରାଣୀ ସାହୁ ଅଭିଯୋଗ କରିଛନ୍ତି। ଅଭିଯୋଗର ତଦନ୍ତ କରି ମହିଳାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୋଲିସ ଭଞ୍ଜନଗର ପଠାଇଛି।

### କୂଅରେ ପଡ଼ି ଜଣେ ମୃତ

**ଖଲ୍ଲିକୋଟ,୨୦।୬(ଡି.ଏନ.ଏ.):** ଖଲ୍ଲିକୋଟ ବ୍ଲକ ବିକ୍ରମପୁର ବ୍ରାହ୍ମଣ ସାହିର ଜଣେ ବ୍ୟକ୍ତିଙ୍କ କୂଅରେ ପଡ଼ି ମୃତ୍ୟୁ ଘଟିଛି। ସେ ହେଲେ ରବୀନ୍ଦ୍ର ଆଚାର୍ଯ୍ୟ (୫୫)। ରବୀନ୍ଦ୍ର ବାରିପଟ କୂଅରେ ପଡ଼ି ଭାସୁଥିବା ପରିବାର ଲୋକ ଦେଖି ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଦମକଳ କର୍ମଚାରୀ ରବୀନ୍ଦ୍ରଙ୍କୁ କୂଅରୁ ଉଦ୍ଧାର କରିଥିଲେ। ତାଙ୍କୁ ମେଡିକାଲ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।

# ୯ ଦିନରେ ୨ ହତ୍ୟା, ୨ ନାବାଳିକାଙ୍କୁ ବଳାତ୍କାର

**ବାଣିଗୋଛା ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ**

**ଝିଅବୋହୂ ନିଜକୁ ନିରାପଦ ମଣୁନାହାନ୍ତି**

ନୟାଗଡ଼ ଅଫିସ,୨୦।୬

ନୟାଗଡ଼ ପୋଲିସ ଜିଲାର ବାଣିଗୋଛା ଥାନା ଅଞ୍ଚଳରେ ୯ଦିନ ଭିତରେ ଜଣେ ମହିଳାଙ୍କୁ ଜଙ୍ଗଲରେ ହତ୍ୟା କରାଯାଇଥିବାବେଳେ ଜଣେ ଶିଶୁକନ୍ୟାଙ୍କୁ ବଳାତ୍କାର ସହ ହତ୍ୟା କରାଯାଇଛି। ଆଉ ଜଣେ ନାବାଳିକା ବଳାତ୍କାରର ଶିକାର ହୋଇଛନ୍ତି। ୯ଦିନ ଭିତରେ ୨ ହତ୍ୟା ଓ ୨ ନାବାଳିକାଙ୍କୁ ବଳାତ୍କାର ଘଟଣା ଆଇନଶୃଙ୍ଖଳାକୁ ବିପର୍ଯ୍ୟସ୍ତ କରିପକାଇଛି। ଏଠାରେ ଝିଅବୋହୂମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ପୋଲିସ ପାଟ୍ରୋଲିଂ ଅଭାବ, ଲୋକଙ୍କୁ ଠିକ୍ ସେବା ନ ଦେବା ଓ ଏପରିକି ଅସୁବିଧା ସମୟରେ ପୋଲିସ ଫୋନ ନ ଉଠାଇବାରୁ ଅସନ୍ତୋଷ ବଢ଼ି ଚାଲିଛି। ବାଣିଗୋଛା ଥାନା ପୋଲିସ ମାନସିକତାରେ ପରିବର୍ତ୍ତନ ନ ଆଣିଲେ ଆଦିବାସୀ ଦଳିତ ଅଧ୍ୟୁଷିତ ଅଞ୍ଚଳ ଅଶାନ୍ତ ହୋଇଯିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ରବିବାର ପୂର୍ବାହ୍ନରେ ଚଢ଼େୟାପଲ୍ଲୀ ପଞ୍ଚାୟତ ବାମ ଗାଁର ସତ୍ୟଭାମା ନାୟକ(୪୨) ସ୍ୱାମୀ ରାଧାମୋହନଙ୍କ ସହ ସ୍ଥାନୀୟ ଜଙ୍ଗଲକୁ କାଠ ପାଇଁ ଯାଇଥିଲେ। କିଛିବାଟ ଯିବା ପରେ ସ୍ୱାମୀ–ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ସ୍ୱାମୀ ଉତ୍ତେଜିତ ହୋଇ ସ୍ତ୍ରୀଙ୍କୁ କୁରାଢ଼ିରେ ହାଣି ହତ୍ୟା କରିଥିଲେ। ଜଙ୍ଗଲ ପାଖରେ ସ୍ତ୍ରୀଙ୍କ ମୃତଦେହକୁ ଛାଡି ଫେରାର ହୋଇଯାଇଥିଲେ। ଅନ୍ୟପକ୍ଷରେ ଗତ ୧୨ ତାରିଖରେ ଧୁନ୍ଦୁଗାଡିଆ ଅଞ୍ଚଳର ଜଣେ ୫ ବର୍ଷୀୟା ଶିଶୁକନ୍ୟା ଗାଁ ଦାଣ୍ଡରେ ଖେଳୁଥିବାବେଳେ ତାଙ୍କୁ ଅପହରଣ କରାଯାଇଥିଲା। ସାଗର ଦଳେଇ ନାମକ ଜଣେ ଯୁବକ ଶିଶୁକନ୍ୟାଙ୍କୁ ବଳାତ୍କାର କରିବା ସହ ହତ୍ୟା କରି ଜଙ୍ଗଲରେ ଏକ ବୁଦାମୂଳେ ମୃତଦେହ ଫୋପାଡି ଦେଇଥିଲେ। ପୋଲିସ ମୁଣ୍ଡଗଣ୍ଡି ବିହୀନ ମୃତଦେହ ଜବତ କରି ଗତ ୧୭ ତାରିଖରେ ହତ୍ୟାକାରୀ ସାଗରଙ୍କୁ ଗିରଫ କରିଥିଲା। ହେଲେ ଗୋଟିଏ ପରିବାରର ବଂଶ ବୁଡିଗଲା। ସେହିପରି ଜଣେକ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗରେ ଉକ୍ତ ଥାନା ଅଞ୍ଚଳର ଜଣେ ଯୁବକ ଗିରଫ ହୋଇଛନ୍ତି। ଯୁବକ ଜଣକ ବଳାତ୍କାର କରି ସିନା ଗିରଫ ହେଲେ, ନାବାଳିକା କିପରି ନ୍ୟାୟ ପାଇବ ସେ ନେଇ ପୀଡିତାଙ୍କ ପରିବାର ଚିନ୍ତାରେ ପଡିଛନ୍ତି। ଏ ନେଇ କଂଗ୍ରେସର ଜିଲା ସଭାପତି ରଣଜିତ୍ ଦାଶ କୁହନ୍ତି, ବାଣିଗୋଛା ଥାନାରେ ପୋଲିସ କାମ କରୁଥିବା ପରି ଜଣାପଡୁନି। ଶିଶୁକନ୍ୟା ମୃତଦେହ ନିକଟ ଦେଇ ପୋଲିସ କୁକୁର ଯାଉଛି, ଅଥଚ ତା'ର ଟେରପାଉନି। ପୋଲିସ ପାଟ୍ରୋଲିଂ ନ ଥିବା କାରଣରୁ ହତ୍ୟା ଓ ବଳାତ୍କାର ବଢ଼ି ଚାଲିଛି। ଭାଜପାର ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ସନ୍ତୋଷ ପ୍ରଧାନ କୁହନ୍ତି, ବାଣିଗୋଛା ଥାନା ଅଞ୍ଚଳର ହତ୍ୟା ଓ ବଳାତ୍କାର ଘଟଣାକୁ ଅନୁଧ୍ୟାନ କଲେ ପୋଲିସର କାର୍ଯ୍ୟ ସନ୍ଦେହ ଘେରକୁ ଆସୁଛି। ସେଠାରେ ଜଣେ ଆଇଆଇସି ଅଛନ୍ତି ସେ ଅଭିଯୋଗକାରୀଙ୍କ ଫୋନ ଉଠାଉ ନାହାନ୍ତି। ଭାଜପାର ଜିଲା ସଭାପତି ଲାଲା ମନୋଜ ରାୟ କୁହନ୍ତି, ମହିଳା ଜିଲାପାଳଙ୍କ ସମୟରେ ବାଣିଗୋଛା ଥାନା ଅଞ୍ଚଳରେ ଝିଅବୋହୂ ନିରାପଦ ନୁହନ୍ତି। ୯ ଦିନ ମଧ୍ୟରେ ଜଣେ ଶିଶୁକନ୍ୟା ଓ ଜଣେ ମହିଳାଙ୍କର ମୁଣ୍ଡ ଗଡି ସାରିଲାଣି। ପୁଣି ଜଣେ ନାବାଳିକା ବଳାତ୍କାରର ଶିକାର ହୋଇଛନ୍ତି। ଏହିପରି ଅନେକ ଘଟଣା ଘଟୁଛି, ହେଲେ ତାହା ପୋଲିସରେ ଅଭିଯୋଗ ହେଉନି। ଚଢ଼େୟାପଲ୍ଲୀ ଅଞ୍ଚଳରେ ମୋବାଇଲ କାମ କରୁନି। ଥାନାଠାରୁ ଗାଁଗୁଡ଼ିକ ବହୁ ଦୂରରେ। ପୁଣି ଆଦିବାସୀ ଦଳିତ ଲୋକଙ୍କ ମଧ୍ୟରେ ସଚେତନତା ନାହିଁ। ପୋଲିସ ପାଟ୍ରୋଲିଂ କରାଯାଉନି। ଚଢ଼େୟାପଲ୍ଲୀ ଅଞ୍ଚଳରେ ଏକ ଫାଣ୍ଡିର ଆବଶ୍ୟକତା ରହିଛି।

# ଜଙ୍ଗଲରେ ସ୍ତ୍ରୀଙ୍କୁ ହତ୍ୟା

ନୟାଗଡ ଅଫିସ/ଦଶପଲ୍ଲା, ୨୦।୬ (ଡି.ଏନ.ଏ.)

- ଲକ୍‌ଡାଉନ ଯୋଗୁ କାମଧନ୍ଦା ହରାଇଥିଲେ ଅଭିଯୁକ୍ତ
- ପରିବାରରେ ବଢ଼ିଥିଲା କଳହ

ପାରିବାରିକ କଳହ ଯୋଗୁ ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ବାଣିଗୋଛା ଥାନା ବାମ ଚଢ଼େୟାପଲ୍ଲୀ ଜଙ୍ଗଲରେ ରବିବାର ପୂର୍ବାହ୍ନରେ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ସ୍ୱାମୀ ହତ୍ୟା କରିଛନ୍ତି। ମୃତକ ହେଲେ ସତ୍ୟଭାମା ନାୟକ(୪୦)। ଘର ଚଢ଼େୟାପଲ୍ଲୀ ପଞ୍ଚାୟତ ବାମ ଗାଁ କଲୋନୀ ସାହିରେ।

ପୋଲିସ ସୂଚନା ଅନୁସାରେ ବାମ ଗାଁ କଲୋନୀ ସାହିରେ ରାଧାମୋହନ ନାୟକ (୫୧) ସ୍ତ୍ରୀ ସତ୍ୟଭାମା ଓ ପିଲାମାନଙ୍କୁ ନେଇ ରୁହନ୍ତି। ଲକ୍‌ଡାଉନ, ଶଟ୍‌ଡାଉନ୍ ଯୋଗୁ ରାଧାମୋହନ କାମଧନ୍ଦା ନ ପାଇ ଘରେ ବସି ରୁହନ୍ତି। ଅଭାବ ଅନଟନକୁ ନେଇ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୁଏ। ରବିବାର ପୂର୍ବାହ୍ନ ୮ଟାରେ ରାଧାମୋହନ ସତ୍ୟଭାମାଙ୍କ ସହ ବାମ ଚଢ଼େୟାପଲ୍ଲୀ ଜଙ୍ଗଲକୁ ଜାଳେଣି କାଠ ପାଇଁ ଯାଇଥିଲେ। ରାସ୍ତାରେ କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଫଳରେ ରାଧାମୋହନ ଉତ୍ତେଜିତ ହୋଇ ସତ୍ୟଭାମାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ପରେ ସେଠାରୁ ସେ ଫେରାର ହୋଇଯାଇଥିଲେ। ସେହି ସମୟରେ ଜଙ୍ଗଲକୁ କେତେଜଣ ଲୋକ ଟ୍ରାକ୍ଟର ନେଇ ପଥର ଆଣିବାକୁ ଯାଇଥିଲେ। ଜଙ୍ଗଲ ରାସ୍ତାରେ ଜଣେ ମହିଳାଙ୍କ ମୃତଦେହ ପଡିଥିବା ଦେଖି ଗାଁ ଲୋକଙ୍କୁ ଖବର ଦେଇଥିଲେ। ପରେ ବାଣିଗୋଛା ଥାନା ପୋଲିସକୁ ଜଣାଇଥିଲେ। ମାଜିଷ୍ଟ୍ରେଟ୍ ତଥା ଦଶପଲ୍ଲା ତହସିଲଦାର ଅକ୍ଷୟ କୁମାର ଖେମୁଣ୍ଡିଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଜବତ କରିବା ସହ ୩୧/୨୧ନମ୍ବରରେ ହତ୍ୟା ମାମଲା ରୁଜୁ କରିଛି। ଖୋର୍ଦ୍ଧାରୁ ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ କରି ଫେରିଛି। ଏନେଇ ସତ୍ୟଭାମାଙ୍କ ମା' ଓ ଝିଅ କହିଛନ୍ତି ଯେ, ରାଧାମୋହନଙ୍କ ମୁଣ୍ଡ ଠିକ୍‌ରେ କାମ କରୁ ନ ଥିଲା। ସେ କାହିଁକି ହତ୍ୟା କଲେ ସେମାନେ କିଛି ଜାଣିନାହାନ୍ତି। ଆଇଆଇସି ବୈଦ୍ୟ ନାରାୟଣ ଭୋଇ କହିଛନ୍ତି, ତଦନ୍ତ ଚାଲୁ ରହିଛି। ରାଧାମୋହନଙ୍କୁ ଗିରଫ କରିବାକୁ ଉଦ୍ୟମ ଚାଲିଛି।

# ରୋଜଗାର ଦେଇଛି ମହୁଲ ମଞ୍ଜି, ଆମ୍ବଶଢ଼ା

ଗଣିଆ, ୨୦।୬ (ଡି.ଏନ.ଏ.)

ମହାମାରୀ କରୋନା ଯୋଗୁ ଚଳିତବର୍ଷ ରାଜ୍ୟର ବ୍ୟବସାୟିକ ପ୍ରତିଷ୍ଠାନଠାରୁ ଆରମ୍ଭ କରି ସମସ୍ତ ଶିକ୍ଷାନୁଷ୍ଠାନ ପର୍ଯ୍ୟନ୍ତ କାରବାର ବାଧାପ୍ରାପ୍ତ ହୋଇଛି। ରାଜ୍ୟ ଏବଂ ରାଜ୍ୟ ବାହାରକୁ ଯାଉଥିବା ପ୍ରବାସୀମାନେ ଲକ୍‌ଡାଉନ ଯୋଗୁ ରୋଜଗାର ନ ପାଇ ହାତବାନ୍ଧି ବସିଛନ୍ତି। ବିଶେଷକରି ଗ୍ରାମାଞ୍ଚଳରେ ବସବାସ କରୁଥିବା ଶ୍ରମିକମାନଙ୍କ ଜୀବିକା ବିପର୍ଯ୍ୟସ୍ତ ହୋଇପଡିଛି। ଫଳରେ ଲୋକମାନେ ରୋଜଗାର ନ ପାଇ ବିକଳ୍ପ ପନ୍ଥା ଗ୍ରହଣ କରିଛନ୍ତି। ନୟାଗଡ ଜିଲା ଗଣିଆ ବ୍ଲକରେ ଲୋକେ କୌଣସି କାମଧନ୍ଦା ନ ପାଇ ପରିବାରର ଗୁଜୁରାଣ ମେଣ୍ଟାଇବା ନିମନ୍ତେ ଆମ୍ବରସରୁ ଆମ୍ବଶଢା, ଜଙ୍ଗଲରୁ ମହୁଲ ଫୁଲ ସଂଗ୍ରହ ଓ ମହୁଲ ଫୁଲର ମଞ୍ଜି, କେନ୍ଦୁପତ୍ର ସଂଗ୍ରହ କରିବା ପରେ ସେଗୁଡିକୁ ବିକ୍ରି କରୁଛନ୍ତି। ଆମ୍ବଶଢା ପ୍ରସ୍ତୁତ କରି କିଲୋ ପ୍ରତି ୫୦ ଟଙ୍କା, ମହୁଲ ଫୁଲ କିଲୋ ପ୍ରତି ୨୫ଟଙ୍କା ଓ ମହୁଲ ମଞ୍ଜି (ଟୋଲ) କିଲୋପ୍ରତି ୨୦ଟଙ୍କା ଲେଖାଏ ଦରରେ ବେପାରୀଙ୍କୁ ବିକ୍ରି କରୁଛନ୍ତି। ସ୍ଥାନୀୟ ଅଞ୍ଚଳରେ ବିକ୍ରିବଟା ପାଇଁ କୌଣସି ବଜାରର ବ୍ୟବସ୍ଥା ନ ଥିବା ଯୋଗୁ ଲୋକେ କମ୍ ଦରରେ ବ୍ୟବସାୟୀଙ୍କୁ ବିକ୍ରି କରିବାକୁ ବାଧ ହେଉଛନ୍ତି। ବିଶେଷକରି ବ୍ଲକର ଆଦିବାସୀ ଅଞ୍ଚଳ ବଡଶିଲିଙ୍ଗା ଓ ଛାମୁଣ୍ଡିଆ ପଞ୍ଚାୟତରେ ଆଦିବାସୀ ସମ୍ପ୍ରଦାୟର ଲୋକେ ମହୁଲମଞ୍ଜି (ଟୋଲ)ରୁ ପାରମ୍ପରିକ ଭାବେ ତେଲ ପ୍ରସ୍ତୁତ କରି ଖାଦ୍ୟ ରୂପେ ବ୍ୟବହାର କରୁଥିବା ବେଳେ ଆଉ କେତେଜଣ ଲୋକ ପରିବାର ଗୁଜୁରାଣ ମେଣ୍ଟାଇବା ପାଇଁ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ବ୍ୟବସାୟୀଙ୍କୁ ବିକ୍ରି କରିଥାନ୍ତି। ଲକଡାଉନ୍ ସମୟରେ ସରକାର ରାଶନ ଚାଉଳ ଯୋଗାଉଛନ୍ତି। ହେଲେ ପରିବାରର ଅନ୍ୟ ଖର୍ଚ୍ଚ ପାଇଁ ବିକଳ୍ପ ରୋଜାଗାରର ଚିନ୍ତା କରିବାକୁ ପଡୁଛି ବୋଲି ବଡଶିଲିଙ୍ଗା ପଞ୍ଚାୟତ ମଳାସପଦର ଗାଁର ପଙ୍କଜ ନାୟକ କୁହନ୍ତି। ଅନ୍ୟପରି ଡାଲି ଓ ପନିପରିବା କିଣିବା ଲାଗି ହାତରେ ପଇସାଟିଏ ନ ଥିବା ବେଳେ ଭାତ ସାଙ୍ଗରେ ମହୁଲ ଫଳ(ଟୁଲ)କୁ ପରିବା ଭାବେ ତରକାରୀ କରି ଓ ଆମ୍ବଶଢାକୁ ଖଟା ରୂପେ ପ୍ରସ୍ତୁତ କରି ଖାଉଛୁ ବୋଲି ଶଗଡଭଙ୍ଗା ଗାଁର ହରିହର ମଳିକ କହିଛନ୍ତି। ତେବେ ଲକ୍‌ଡାଉନ ସମୟରେ ଚାଉଳ ସାଙ୍ଗକୁ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଡାଲି ଓ ଖାଇବା ତେଲ ଆଦି ରିହାତି ଦରରେ ଯୋଗାଇ ଦେବା ସହ ଗ୍ରାମାଞ୍ଚଳରେ ପର୍ଯ୍ୟାପ୍ତ ରୋଜଗାରର ସୃଷ୍ଟି କରିବା ଲାଗି ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି।


ଏକ ଆଦିବାସୀ ପରିବାର ଲୋକ ମହୁଲ ମଞ୍ଜି ସଂଗ୍ରହ କରୁଛନ୍ତି।

# ଶରଣ ଶ୍ରୀକ୍ଷେତ୍ରରୁ ଆସୁଛି ତୁଳସୀ, ଦୟଣା

**ଶ୍ରୀନୀଳମାଧବଙ୍କ ସେବାରେ ଲାଗିଛନ୍ତି ଚିଣ୍ଟୁ ବାବା**

ଖଣ୍ଡପଡ଼ା,୨୦।୬(ସ୍ୱ.ପ୍ର.)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଅଧୀନ ଏକଘରିକିଆ ଗ୍ରାମର ଶରଣ ଶ୍ରୀକ୍ଷେତ୍ରରୁ କଣ୍ଟିଲୋର ଶ୍ରୀନୀଳମାଧବଙ୍କ ପାଇଁ ଆସୁଛି ତୁଳସୀ,ଦୟଣା, ବିଭିନ୍ନ କିସମର ଫୁଲ ଓ ପୂଜା ସାମଗ୍ରୀ। ଆଜି କି କାଲି ନୁହେଁ, ୨୦୧୫ରୁ ସେହି ଗ୍ରାମର ଚିଣ୍ଟୁ ବାବା ନିଜ ବାଇକ୍‌ରେ ଉପରୋକ୍ତ ସାମଗ୍ରୀ ଆଣି ଶ୍ରୀଜୀଉଙ୍କ ଉଦ୍ଦେଶ୍ୟରେ ଅର୍ପଣ କରୁଛନ୍ତି। ଏବେ କରୋନା କଟକଣା ଯୋଗୁ ଆବଶ୍ୟକ ଫୁଲ, ଦୟଣା, ତୁଳସୀ ମିଳୁନାହିଁ। ମନ୍ଦିର ବନ୍ଦ ରହିଛି। ଫଳରେ ଶ୍ରଦ୍ଧାଳୁମାନେ ବି ଫୁଲ ଓ ପୂଜାସାମଗ୍ରୀ ଆଣୁନାହାନ୍ତି। ନୀଳମାଧବଙ୍କ ସେବାୟତ ଓ ଶ୍ରଦ୍ଧାଳୁମାନଙ୍କ ପରାମର୍ଶ କ୍ରମେ ଚିଣ୍ଟୁ ବାବା ଏପରି ସେବା ଜାରି ରଖିଛନ୍ତି। ଗତ ବୁଧବାର ଶ୍ରୀନୀଳମାଧବ ପୀଠରେ ପହଞ୍ଚି ଥିଲେ ଚିଣ୍ଟୁ ବାବା। ତାଙ୍କ ବାଇକ୍ ପଛପାଖରେ ଏକ ବଡ଼ ଡାଲା ବନ୍ଧା ହୋଇଥିଲା। ସେଥିରେ ତୁଳସୀ, ଦୟଣା, ଫୁଲ ସହିତ ବିଭିନ୍ନ ପୂଜା ସାମଗ୍ରୀ ଥିଲା। ଚିଣ୍ଟୁ ବାବା ସେହି ସାମଗ୍ରୀକୁ ଶ୍ରୀନୀଳମାଧବଙ୍କ ଉଦ୍ଦେଶ୍ୟ ସେବାୟତଙ୍କୁ ଅର୍ପଣ କରିଥିଲେ। ନୀଳମାଧବ ପୂଜକ ସମାଜ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ସେ ପ୍ରତି ସପ୍ତାହରେ ୩ ଦିନ ପୁରୀକୁ ଉପରୋକ୍ତ ସାମଗ୍ରୀ ନେଇ ଯାଇଥାନ୍ତି। ଶ୍ରୀଜଗନ୍ନାଥଙ୍କ ଲାଗି ଫୁଲ, ତୁଳସୀ,ଦୟାଣା ଓ ପୂଜା ସାମଗ୍ରୀ ଅର୍ପଣ କରିଥାନ୍ତି। ସୂଚନାଯୋଗ୍ୟ, ଶ୍ରୀନୀଳମାଧବଙ୍କୁ ରସିକରାଜ କୁହାଯାଏ। ତାଙ୍କର ଦୈନିକ ନୀତି ଓ ବେଶରେ ବିଭିନ୍ନ ରଙ୍ଗ ଓ ବାସ୍ନାର ଫୁଲ ଲାଗି ହୋଇଥାଏ। ତୁଳସୀ, ଦୟଣା ତାଙ୍କର ଅତି ପ୍ରିୟ। ଶ୍ରୀଜୀଉଙ୍କ ମସ୍ତକରେ ତୁଳସୀ ଆଉ ମହାପ୍ରସାଦରେ ତୁଳସୀ ବି ଲାଗି ହୋଇଥାଏ। ମହାପ୍ରଭୁଙ୍କ ଏମିତି ନୀତି ନାହିଁ ଯେଉଁଠି ତୁଳସୀ ନ ଥାଏ।


ଶ୍ରୀନୀଳମାଧବଙ୍କ ପାଇଁ ତୁଳସୀ,ଦୟଣା ନେଇ ଆସିଥିବା ଚିଣ୍ଟୁବାବା।

# ବିଡିଓଙ୍କୁ ସ୍ମାରକପତ୍ର ଦେଲେ ପ୍ରାଥମିକ ଶିକ୍ଷକ

**ଭତ୍ତା ବଣ୍ଟନରେ ନିୟୋଜିତକୁ ବିରୋଧ**

- କରୋନା ପ୍ରତିଷେଧକ ନ ଦେଇ ଦାୟିତ୍ୱ
- ଜିଲାରେ ୨୦ ଜଣ ଆଖି ବୁଜି ସାରିଲେଣି

ନୟାଗଡ ଅଫିସ,୨୦।୬

ନୟାଗଡ଼ ବ୍ଲକର ପ୍ରାଥମିକ ଶିକ୍ଷକମାନଙ୍କୁ ବାରମ୍ବାର ଭତ୍ତା ବଣ୍ଟନ ପରି ଏକ ଅଣଶୈକ୍ଷିକ କାର୍ଯ୍ୟରେ ନିୟୋଜିତ କରାଯାଉଛି। କରୋନା ପରି ମହାମାରୀ ସମୟରେ ଶିକ୍ଷକମାନଙ୍କୁ କରୋନା ପ୍ରତିଷେଧକ ଟିକା ନ ଦେଇ ବିପଦପୂର୍ଣ୍ଣ ଭାବେ ଘରକୁ ଘର ବୁଲି ଭତ୍ତା ବଣ୍ଟନ କରିବାକୁ ନିୟୋଜିତ କରିବା ପରେ ପ୍ରତିବାଦ ଉଠିଛି। ଏପରି କି ଜିଲାରେ ପ୍ରାୟ ୨୦ ପ୍ରାଥମିକ ଶିକ୍ଷକଙ୍କ କରୋନାରେ ଆକ୍ରାନ୍ତ ହୋଇ ଜୀବନ ଗଲାଣି। ତଥାପି ଶିକ୍ଷକମାନଙ୍କୁ କରୋନା ଯୋଦ୍ଧା ଘୋଷଣା କରାଯାଉନାହିଁ। ସେମାନଙ୍କ ପରିବାରକୁ କୌଣସି ପ୍ରକାର ସହାୟତା ଦିଆଯାଉନାହିଁ। ଅନ୍ୟପକ୍ଷେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୬ରୁ ୧୮ ବର୍ଷ ବୟସର ଅଧାରୁ ପାଠ ଛାଡୁଥିବା ପିଲାମାନଙ୍କର ସର୍ବେକ୍ଷଣ କାର୍ଯ୍ୟ ଚାଲୁ ରହିଛି।

ଏହି କାର୍ଯ୍ୟରେ ନୟାଗଡ଼ ବ୍ଲକର ସମସ୍ତ ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକ ନିୟୋଜିତ ଅଛନ୍ତି। ସେହିପରି ସୋମବାରଠାରୁ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ୟୁଟ୍ୟୁବ ମାଧ୍ୟମରେ ଶିକ୍ଷାଦାନ କାର୍ଯ୍ୟ ଆରମ୍ଭ ହେବାକୁ ଥିବାବେଳେ ଶିକ୍ଷକମାନେ ଏଥିରେ ମଧ୍ୟ ନିୟୋଜିତ ରହିବେ। ଏଭଳିସ୍ଥିତିରେ ଗୋଟିଏ ସମୟରେ ଅନେକ ପ୍ରକାରର କାର୍ଯ୍ୟ ଶିକ୍ଷକମାନଙ୍କ ଉପରେ ନ୍ୟସ୍ତ କରାଯାଉଥିବାରୁ ପ୍ରାଥମିକ ଶିକ୍ଷକମାନେ ବିରୋଧ କରୁଛନ୍ତି ବୋଲି ମତପ୍ରକାଶ ପାଇଛି। ଏଣୁ ନୟାଗଡ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଭତ୍ତା ବଣ୍ଟନକୁ ବିରୋଧ କରାଯାଇ ନୟାଗଡ ବିଡିଓଙ୍କୁ ସ୍ମାରକପତ୍ର ଦିଆଯାଇଛି। ଭତ୍ତା ବଣ୍ଟନ କାର୍ଯ୍ୟରୁ ସେମାନଙ୍କୁ ଅନ୍ତର କରିବାକୁ ନିବେଦନ କରାଯାଇଛି। ଅପରପକ୍ଷେ ବ୍ଲକର ବିଭିନ୍ନ ପଞ୍ଚାୟତରେ ଭତ୍ତା ବଣ୍ଟନ କରିବାକୁ ଭିଏଲଡବ୍ଲ୍ୟୁ ନିୟୋଜିତ ଥିବାବେଳେ କେବଳ ପ୍ରାଥମିକ ଶିକ୍ଷକମାନଙ୍କୁ କ'ଣ ପାଇଁ ଏହି କାର୍ଯ୍ୟରେ ନିୟୋଜିତ କରାଯାଉଛି ବୋଲି ପ୍ରଶ୍ନ ଉଠାଇଛି ଶିକ୍ଷକ ସଂଘ। ତେବେ ଶିକ୍ଷା ସମ୍ପର୍କିତ ସମସ୍ତ କାର୍ଯ୍ୟରେ ସହଯୋଗ ପାଇଁ ଶିକ୍ଷକମାନେ ପ୍ରସ୍ତୁତ ଥିବାବେଳେ ଅଣଶୈକ୍ଷିକ କାର୍ଯ୍ୟକୁ ଘୋର ବିରୋଧ କରିଛନ୍ତି। ଏ ନେଇ ପ୍ରାଥମିକ ଶିକ୍ଷକସଂଘ ସଭାପତି ବିପିନ ବିହାରୀ ଦାସ, ସାଧାରଣ ସମ୍ପାଦକ ଭକ୍ତବତ୍ସଳ ବଟକୃଷ୍ଣ ମିଶ୍ର କୁହନ୍ତି, ଶିକ୍ଷକମାନଙ୍କୁ ଆଉ ଅଣଶୈକ୍ଷିକ କାର୍ଯ୍ୟରେ ନିୟୋଜନ କରା ନ ଯାଉ। ଆଗକୁ କରାଗଲେ ନୟାଗଡ଼ ବ୍ଲକ ପ୍ରାଥମିକ ଶିକ୍ଷକସଂଘ ପକ୍ଷରୁ ପ୍ରଶାସନକୁ ଅସହଯୋଗ କରାଯିବ। ଏପରି କି ପ୍ରତିବାଦରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି କହିଛନ୍ତି।

# ଆଞ୍ଚଳିକ ସାମ୍ବାଦିକ ସଂଘର ପ୍ରସ୍ତୁତି ବୈଠକ


ବୈଠକରେ ଯୋଗ ଦେଇଥିବା ଖବରଦାତାମାନେ।

ଖଣ୍ଡପଡ଼ା,୨୦।୬ (ସ୍ୱ.ପ୍ର)

ଜୁଲାଇ ୪ରେ ଖଣ୍ଡପଡା ଆଞ୍ଚଳିକ ସାମ୍ବାଦିକ ସଂଘର ପ୍ରତିଷ୍ଠା ଦିବସ କୋଭିଡ୍–୧୯ ନୀତି ନିୟମ ପ୍ରକାରେ ପାଳନ ହେବ। ଏଥିପାଇଁ ସାମ୍ବାଦିକ ସଂଘର ଏକ ପ୍ରସ୍ତୁତି ବୈଠକ ରବିବାର ଖଣ୍ଡପଡାଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ବିନାୟକ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସଦସ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ସଂଘର ସଦସ୍ୟ ସ୍ୱର୍ଗତ ସୋମନାଥ ମହାନ୍ତିଙ୍କ ଅକାଳ ବିୟୋଗରେ ସଭ୍ୟମାନେ ଦୁଃଖ ପ୍ରକାଶ କରିବା ସହ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଜୁଲାଇ ୪ରେ ସଂଘର ପ୍ରଥମ ପ୍ରତିଷ୍ଠା ଦିବସ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସଂଘର ସମ୍ପାଦକ ଭବାନୀ ଶଙ୍କର ସିଂହସାମନ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ବରିଷ୍ଠ ସଭ୍ୟ ପ୍ରଭାକର ଶିରୋମଣି, ରାମେଶ୍ୱର ଶତପଥୀ, ବିନୋଦ କୁମାର ମହାପାତ୍ର, ଅଜୟ କୁମାର ମହାରଣା, ଶୁଭେନ୍ଦ୍ର କୁମାର ପଟ୍ଟନାୟକ, ଶାନ୍ତି ଶେଖର ରଥ, ଗୀତିକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ।

## ୯ କୋଟି ଟଙ୍କା ଠକେଇ ଘଟଣା

# ବାପାଙ୍କ ନାଁରେ ଥିବା ଦାମୀ କାର୍ ଜବତ

**ପରିବାର ଲୋକଙ୍କ ଆତ୍ମଗୋପନ**

ଓଡ଼ଗାଁ, ୨୦।୬ (ସ୍ୱ.ପ୍ର.)

୯ କୋଟି ଟଙ୍କା ଠକେଇ ଅଭିଯୋଗରେ ଗିରଫ ଅଭିଯୁକ୍ତ ରୁଦ୍ରମାଧବ ମହାନ୍ତିଙ୍କ ବାପାଙ୍କ ନାମରେ ଥିବା ଏକ ଦାମୀ କାର୍‌କୁ ଛତିଶଗଡ଼ ପୋଲିସ ରବିବାର ଜବତ କରିଛି। ଓଡ଼ଗାଁ ଥାନା ଅଧୀନ ପାଣ୍ଡେରିପଦା ପଞ୍ଚାୟତର ଭାଲିଆଡିହି ଗାଁର ରୁଦ୍ରମାଧବଙ୍କୁ ତାଙ୍କ ନିର୍ବନ୍ଧର ୨ ଦିନ ପୂର୍ବରୁ ଅର୍ଥାତ୍ ବୁଧବାର ଛତିଶଗଡ ପୋଲିସ ଗିରଫ କରିଥିଲା। ଜଣେ ଉଚ୍ଚ ଶିକ୍ଷିତ ଯୁବକଙ୍କୁ ପୋଲିସ ଗିରଫ କରିବା ପରେ ଲୋକେ ନାନା କଳ୍ପନା ଜଳ୍ପନା କରିଥିଲେ। ଏପରିକି ସ୍ଥାନୀୟ ପୋଲିସ ମଧ୍ୟ ଏ ନେଇ କାହାକୁ କିଛି ସୁରାକ ଦେଇ ନ ଥିଲା। ତଥାପି ସେ ଏକ ଘରୋଇ କମ୍ପାନୀରେ ଚାକିରି କରୁଥିବା ବେଳେ ପ୍ରାୟ ୯ କୋଟି ଟଙ୍କା ଠକି ଦୁଇ ମାସ ତଳେ ଗାଁକୁ ଚାଲିଆସିଥିବା ନେଇ ଆଲୋଚନା ହୋଇଥିଲା। ହେଲେ ସେହି ଠକେଇ ଟଙ୍କାର ପରିମାଣ ପ୍ରାୟ ୧୫ କୋଟି ୧୧ ଲକ୍ଷରେ ପହଞ୍ଚି ଥିବା କମ୍ପାନୀ ହିସାବରୁ ଜଣାପଡିଛି।

ଶନିବାର ପୁଣି ଥରେ ଛତିଶଗଡ ପୋଲିସ ଓଡ଼ଗାଁ ପୋଲିସ ସହାୟତାରେ ଅଭିଯୁକ୍ତଙ୍କ ଘରେ ଚଢାଉ କରିଥିଲା। ହେଲେ ତାଙ୍କ ପରିବାର ଲୋକେ ଆଗୁଆ ସୂଚନା ପାଇ କୁଆଡେ ଚାଲି ଯାଇଥିଲେ। ଅଭିଯୁକ୍ତଙ୍କ ବୟାନ ଅନୁସାରେ ଠକେଇ ଟଙ୍କାରେ କିଣାଯାଇଥିବା କେତେକ ମୂଲ୍ୟବାନ ସୁନା ଗହଣା ପୋଲିସ ଜବତ କରିଛି। ସେହିପରି ଅଭିଯୁକ୍ତଙ୍କ ବାପା କେଶବ ମହାନ୍ତିଙ୍କ ନାମରେ କିଣାଯାଇଥିବା ଦାମୀ କାର(ନଂ.ଓଡି୦୨ବିଏନ ୭୪୦୨)କୁ ପୋଲିସ ଜବତ କରିଛି। ସେହି କାର୍‌କୁ ଅଭିଯୁକ୍ତଙ୍କ ସମ୍ପର୍କୀୟ ମାମୁ ନେଇ ଖସି ପଳାଉଥିବା ବେଳେ ସ୍ଥାନୀୟ ସିନେମା ହଲ୍ ଛକ ନିକଟରେ ପୋଲିସ କାବୁ କରିଥିଲା। ଛତିଶଗଡ଼ ପୋଲିସ ଜବତ କାର୍‌କୁ ନିଜ ରାଜ୍ୟକୁ ନେଇଯାଇଥିବା ଖବର ମିଳିଛି।


ଗାଁରେ ଥିବା ୩ ମହଲା ଘର।



ଛତିଶଗଡ଼ ପୋଲିସ ଜବତ କରିଥିବା କାର।


ଗିରଫ ହୋଇଥିବା ରୁଦ୍ରମାଧବ ମହାନ୍ତି।

**କରୋନା ଆକ୍ରାନ୍ତ କହି ଘରକୁ ଆସିଥିଲେ**

ରୁଦ୍ରମାଧବ ଛତିଶଗଡ଼ର ଏକ ଆଲୁମିନିୟମ କମ୍ପାନୀରେ ସିଏ ଭାବେ ୨୦୧୬ରୁ ଚାକିରି କରୁଥିଲେ। ସେ କମ୍ପାନୀରେ ବ୍ୟାପକ ହେରଫେର କରିବା ପରେ ନିଜକୁ ଜଣେ କରୋନା ଆକ୍ରାନ୍ତ ଦର୍ଶାଇ ୨ ମାସ ତଳେ ଗାଁକୁ ଚାଲି ଆସିଥିଲେ। ପରେ ସେ ଆଉ କମ୍ପାନୀକୁ ଫେରି ନ ଥିଲେ। ଫଳରେ ଅନ୍ୟ ଜଣେ କର୍ମଚାରୀଙ୍କୁ ତାଙ୍କ ଦାୟିତ୍ୱ ଦିଆଯାଇଥିଲା। ପରେ ପ୍ରାଥମିକସ୍ତରରେ ଯାଞ୍ଚରୁ ସେ ୯ କୋଟି ଟଙ୍କା ହେରଫେର କରିଥିବାବେଳେ ଏବେ ସେହି ଠକେଇ ପରିମାଣ ୧୫କୋଟିରୁ ଊର୍ଦ୍ଧ୍ୱ ହେବ। ଠକେଇ ଟଙ୍କାରେ ସେ ପରିବାର ସଦସ୍ୟ ଓ ନିଜ ଭାବୀ ସ୍ତ୍ରୀଙ୍କ ପାଇଁ ସୁନା ଗହଣା କିଣିଥିଲେ। ୨୦୨୦ରେ ବାପାଙ୍କ ନାଁରେ କାର୍ କିଣିବା ସହ ଘରକୁ ତିନି ମହଲା କରିଥିବା ଛତିଶଗଡ ପୋଲିସ ନିକଟରେ ରୁଦ୍ରମାଧବ ସ୍ୱୀକାର କରିଥିଲେ।